Candidate must not write on this margin.

# CSM—23/23

## PART—II/PAPER—VII

## COMMERCE AND ACCOUNTANCY

## ବାଣିଜ୍ୟ ଓ ହିସାବ ବିଦ୍ୟା

## PAPER—II

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି।

### GROUP—A

### ଗ୍ରୁପ୍—A

*Candidates to attempt* **10 *(ten)*** *questions within word limit of* **250**. *Each question carries* **15** *marks.*

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ। ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

**1.** Discuss how the concept of the end-means chain contributes to organisational goal displacement and succession. Evaluate the effectiveness of different formal organisational structures (Line and Staff, Functional and Matrix) in dynamic business environments.

ସାଂଗଠନିକ ଲକ୍ଷ୍ୟ, ବିସ୍ଥାପନ ଏବଂ ଉତ୍ତରାଧିକାରର 'end-means chain' ର ଅବଧାରଣା କିପରି ଅବଦାନ ରହିଛି ତାହା ଆଲୋଚନା କର। ଏକ ଗତିଶୀଳ ବ୍ୟବସାୟିକ ପରିବେଶରେ ବିଭିନ୍ନ ଅନୁଷ୍ଠାନିକ ସଂଗଠନାତ୍ମକ ଗଠନ (ଯଥା-Line and Staff, Functional and Matrix)ର ପ୍ରଭାବଶାଳୀତା ମୂଲ୍ୟାଙ୍କନ କର।

**2.** Assess the role of informal organisations in influencing decision-making processes and organisational effectiveness.

ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଏବଂ ସଂଗଠନର ପ୍ରଭାବଶାଳୀତାକୁ ପ୍ରଭାବିତ କରିବାରେ ଅନୌପଚାରିକ ସଂଗଠନଗୁଡ଼ିକର ଭୂମିକା ମୂଲ୍ୟାଙ୍କନ କର।

**Candidate must not write on this margin.**

3. "Power dynamics within organisations influence decision-making and strategy." Discuss how different sources of power shape organisational politics and leadership effectiveness.

   "Power dynamics within organisations influence decision-making and strategy." ଶକ୍ତିର ବିଭିନ୍ନ ଉତ୍ସ କିଭଳି ସାଂଗଠନିକ ରାଜନୀତି ଏବଂ ନେତୃତ୍ୱର ପ୍ରଭାବଶାଳୀତାକୁ ରୂପରେଖ ପ୍ରଦାନ କରେ ତାହା ଆଲୋଚନା କର।

4. What are the three main stages of perceptual process? "Perception shapes organisational culture and behaviour." Critically analyze how cognitive biases impact managerial decision-making and team dynamics.

   ଅନୁଭବଶୀଳପ୍ରକ୍ରିୟାର ତିନୋଟି ମୁଖ୍ୟ ପର୍ଯ୍ୟାୟ କ'ଣ? "Perception shapes organisational culture and behaviour." ଆଧାରରେ ଜ୍ଞାନାତ୍ମକ ପକ୍ଷପାତ ପରିଚାଳନାଗତ ନିଷ୍ପତ୍ତି ଗ୍ରହଣ ଏବଂ ଦଳର ଗତିଶୀଳତାକୁ କିଭଳି ପ୍ରଭାବିତ କରେ ତାହା ସମୀକ୍ଷାତ୍ମକ ଦୃଷ୍ଟିରେ ବିଶ୍ଳେଷଣ କର।

5. "Transactional analysis is a widely used tool for conflict resolution." Critically examine its relevance and application in cross-cultural organisations.

   "Transactional analysis is a widely used tool for conflict resolution." ସାଂସ୍କୃତିକ ସଂଗଠନରେ ଏହାର ପ୍ରାସଙ୍ଗିକତା ଏବଂ ପ୍ରୟୋଗକୁ ସମୀକ୍ଷାତ୍ମକ ଦୃଷ୍ଟିରେ ଆଲୋଚନା କର।

6. "Family-managed businesses and professionally managed organisations operate with distinct governance models." Critically evaluate their advantages and limitations in the context of corporate sustainability and succession planning.

   "ପରିବାର ପରିଚାଳିତ ବ୍ୟବସାୟ ଏବଂ ବୃତ୍ତିଗତ ଭାବରେ ପରିଚାଳିତ ସଂଗଠନଗୁଡ଼ିକ ସ୍ୱତନ୍ତ୍ର ଶାସନ ମଡେଲ ସହ କାର୍ଯ୍ୟ କରେ।" କର୍ପୋରେଟ ସ୍ଥିରତା ଏବଂ ଉତ୍ତରାଧିକାର ଯୋଜନା ପରିପ୍ରେକ୍ଷୀରେ ତାଙ୍କର ସୁବିଧା ଏବଂ ସୀମାକୁ ସମୀକ୍ଷାତ୍ମକ ଦୃଷ୍ଟିରେ ମୂଲ୍ୟାଙ୍କନ କର।

7. Analyze the present state of workers' participation in management in India. What are the major hurdles in its implementation?

   ଭାରତରେ ପରିଚାଳନା ବ୍ୟବସ୍ଥାରେ ଶ୍ରମିକଙ୍କ ଅଂଶଗ୍ରହଣର ବର୍ତ୍ତମାନ ସ୍ଥିତି ଆଲୋଚନା କର। ଏହାର କାର୍ଯ୍ୟ ସଂପାଦନରେ ପ୍ରମୁଖ ପ୍ରତିବନ୍ଧକ କ'ଣ, ଆଲୋଚନା କର।

**8.** Explain the objectives and methods of performance appraisal. How does an effective appraisal system impact employee motivation and productivity?

କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନର ଉଦ୍ଦେଶ୍ୟ ଏବଂ ପଦ୍ଧତିଗୁଡ଼ିକ ବ୍ୟାଖ୍ୟା କର। ଏକ ପ୍ରଭାବଶାଳୀ ମୂଲ୍ୟାଙ୍କନ ବ୍ୟବସ୍ଥା କର୍ମଚାରୀଙ୍କ ପ୍ରେରଣା ଏବଂ ଉତ୍ପାଦନ ସାମର୍ଥ୍ୟକୁ କିପରି ପ୍ରଭାବିତ କରେ ତାହା ଉଲ୍ଲେଖ କର।

**9.** Critically assess the importance of strategic manpower planning in a competitive business environment. What factors should be considered for an effective manpower strategy?

ଗୋଟିଏ ପ୍ରତିଯୋଗିତାମୂଳକ ବ୍ୟବସାୟ ପରିବେଶରେ କୌଶଳ ମାନବଶକ୍ତି ଯୋଜନାର ଗୁରୁତ୍ୱକୁ ସମୀକ୍ଷାତ୍ମକ ଦୃଷ୍ଟିରେ ମୂଲ୍ୟାଙ୍କନ କର। ଏକ ପ୍ରଭାବଶାଳୀ ମାନବଶକ୍ତି କୌଶଳପାଇଁ କେଉଁ କାରଣସବୁ ବିଚାର କରାଯିବା ଉଚିତ୍?

**10.** Compare and contrast different methods of controlling labour turnover. Which method do you think is most effective in the Indian industrial setup and why?

ଶ୍ରମ ପରିବର୍ତ୍ତନ ନିୟନ୍ତ୍ରଣ କରିବାର ଭିନ୍ନ ଭିନ୍ନ ପଦ୍ଧତିଗୁଡ଼ିକର ତୁଳନା ଏବଂ ବୈଷମ୍ୟ ଆଲୋଚନା କର। ଭାରତୀୟ ଶିଳ୍ପ ବ୍ୟବସ୍ଥାରେ କେଉଁ ପଦ୍ଧତି ସବୁଠାରୁ ପ୍ରଭାବଶାଳୀବୋଲି ଆପଣ ଭାବୁଛନ୍ତି ଏବଂ କାହିଁକି? ତାହା ଉଲ୍ଲେଖ କର।

**11.** Analyze the correlation between absenteeism and employee job satisfaction. How can HR policies be designed to enhance employee job satisfaction and retention rates?

ଅନୁପସ୍ଥିତିବାଦ (absenteeism) ଏବଂ କାର୍ମଚାରୀଙ୍କ ଚାକରି ସନ୍ତୁଷ୍ଟି ମଧ୍ୟରେ ସଂପର୍କ ବିଶ୍ଳେଷଣ କର। କର୍ମଚାରୀଙ୍କ ଚାକିରି ସନ୍ତୁଷ୍ଟି ଏବଂ ପ୍ରତିଧାରଣହାର ବୃଦ୍ଧି କରିବାପାଇଁ ଏଚ୍.ଆର୍. (HR) ନୀତିଗୁଡ଼ିକ କିପରି ପ୍ରସ୍ତୁତ କରାଯାଇପାରିବ, ତାହା ଉଲ୍ଲେଖ କର।

**12.** Discuss the factors influencing wage policy determination in an organization. How does Government regulation affect wage administration?

ସଂଗଠନର ବେତନ ନୀତି ନିର୍ଣ୍ଣୟକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକର ବିଷୟରେ ଆଲୋଚନା କର। ସରକାରୀ ନିୟମ ବେତନ ପ୍ରଶାସନକୁ କିପରି ପ୍ରଭାବିତ କରେ, ତାହା ଉଲ୍ଲେଖ କର।

**Candidate must not write on this margin.**

## GROUP—B

## ଗ୍ରୁପ୍—B

*Candidates to attempt* **05 *(five)*** *questions within word limit of* **300**.
*Each question carries* **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

Candidate must not write on this margin.

**13.** Critically analyze the role of organisational goals in strategic decision-making, highlighting the challenges in balancing primary and secondary goals. Examine the implications of single versus multiple goals in an organisation's long-term sustainability. Provide examples to support your analysis.

ପ୍ରାଥମିକ ଏବଂ ଦ୍ୱିତୀୟ ଲକ୍ଷ୍ୟକୁ ନିୟନ୍ତ୍ରଣ କରିବାରେ ଉପୁଜୁଥିବା ଆହ୍ୱାନଗୁଡ଼ିକୁ ସୂଚିତ କରାଇ କୌଶଳଭିତ୍ତିକ ନିଷ୍ପତ୍ତି ଗ୍ରହଣରେ ସଂଗଠନାତ୍ମକ ଲକ୍ଷ୍ୟର ଭୂମିକାକୁ ସମୀକ୍ଷାତ୍ମକ ଦୃଷ୍ଟିରେ ଆଲୋଚନା କର। ସଂଗଠନର ଦୀର୍ଘକାଳୀନ ସ୍ଥାୟୀତ୍ୱରେ ଏକକ ବନାମ ବହୁବିଧ ଲକ୍ଷ୍ୟର ପ୍ରଭାବକୁ ପରୀକ୍ଷା କର। ନିଜର ବିଶ୍ଳେଷଣକୁ ସମର୍ଥନପୂର୍ବକ ଉଦାହରଣ ପ୍ରଦାନ କର।

**14.** Evaluate the essential features of a good remuneration and incentive scheme. How can organizations design a fair and motivating wage structure?

ସନ୍ତୋଷଜନକ ପାରିଶ୍ରମିକ ଏବଂ ପ୍ରୋତ୍ସାହନ ଯୋଜନାର ଆବଶ୍ୟକୀୟ ବୈଶିଷ୍ଟ୍ୟଗୁଡ଼ିକ ମୂଲ୍ୟାଙ୍କନ କର। ଏକ ସଂଗଠନ କିପରି ନ୍ୟାୟସଙ୍ଗତ ଏବଂ ପ୍ରେରଣାଦାୟକ ବେତନ ପ୍ରଦାନ ବ୍ୟବସ୍ଥାର ସ୍ୱରୂପ ତିଆରି କରିପାରିବ, ତାହା ଉଲ୍ଲେଖ କର।

**15.** Examine the significance of training and development in enhancing employee performance. What are the key challenges faced by HR managers in implementing effective training programs?

କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବାରେ ପ୍ରଶିକ୍ଷଣ ଏବଂ ବିକାଶର ଗୁରୁତ୍ୱ ପରୀକ୍ଷା କର। ଏକ ପ୍ରଭାବଶାଳୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଏଚ୍.ଆର୍ (HR) ପରିଚାଳକମାନେ କେଉଁ କେଉଁ ପ୍ରମୁଖ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇଥାନ୍ତି, ଉଲ୍ଲେଖ କର।

**16.** "Conflict is not always dysfunctional." Do you agree? Compare different conflict management strategies and evaluate their effectiveness in high-pressure corporate environments.

"Conflict is not always dysfunctional." ଆପଣ ଏକ ମତ କି? ଅଧିକ କାର୍ଯ୍ୟଚାପପୂର୍ଣ୍ଣ କର୍ପୋରେଟ୍ ପରିବେଶରେ ବିଭିନ୍ନ ଦ୍ୱନ୍ଦ୍ୱ ପରିଚାଳନା କୌଶଳ ତୁଳନା କର ଏବଂ ତତ୍ ସଂପୃକ୍ତ ପ୍ରଭାବଶାଳୀତାର ମୂଲ୍ୟାୟନ କର।

**17.** $P = f\{m,a,e\}$ — elucidate. "Motivation is the processes that account for an individual's intensity, direction and persistence of goals towards a goal or group of goals." Elaborate. Discuss the Porter and Lawler Motivation Model, explaining its implications for practice.

$P = f\{m,a,e\}$ — ବ୍ୟାଖ୍ୟା କର। "Motivation is the processes that account for an individual's intensity, direction and persistence of goals towards a goal or group of goals." ବର୍ଣ୍ଣନା କର। Porter ଏବଂ Lawler Motivation Model ଆଲୋଚନା କର ଏବଂ ଅଭ୍ୟାସପାଇଁ ଏହାର ପ୍ରଭାବ ବ୍ୟାଖ୍ୟା କର।

**18.** "Leadership theories have evolved significantly over time." Elucidate. Examine critically 'Life Cycle Theory' of Situational Leadership propounded by Paul Hersey and Kenneth Blanchard.

ସମୟ ସହିତ ନେତୃତ୍ତ୍ୱ ସିଦ୍ଧାନ୍ତଗୁଡ଼ିକ ଯଥେଷ୍ଟ ବିକଶିତ "Leadership theories have evolved significantly over time." - ବ୍ୟାଖ୍ୟା କର। ପଲ୍ ହର୍ସୀ (Paul Hersey) ଏବଂ କେନେଥ୍ ବ୍ଲାଞ୍ଚାର୍ଡ (Kenneth Blanchard)ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପରିସ୍ଥିତିଗତ ନେତୃତ୍ୱର ଜୀବନଚକ୍ର ସିଦ୍ଧାନ୍ତ (Life Cycle Theory) ସମୀକ୍ଷାତ୍ମକ ଦୃଷ୍ଟିରେ ଆଲୋଚନା କର।

★★★

**Candidate must not write on this margin.**

## SPACE FOR ROUGH WORK

Candidate must not write on this margin.

SPACE FOR ROUGH WORK

Candidate must not write on this margin.

## SPACE FOR ROUGH WORK

Candidate must not write on this margin.